**ଶ୍ରେଣୀଗୃହରେ ତମ୍ପ**

ନୀଳଗିରି, (ସ୍ବ.ପ୍ର.)- ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପଞ୍ଚଲିଙ୍ଗେଶ୍ୱର ନୋଡାଲ ୟୁ.ପି. ସ୍କୁଲରେ ପୂର୍ବାହ୍ନ ୧୦ଟାରେ ଶ୍ରେଣୀଗୃହରେ ଏକ ସାପ ଦେଖି ପିଲାମାନେ ଭୟଭୀତ ହୋଇପଡ଼ିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଚାରୁଲତା ଚୌଧୁରୀ ଜାଣିବା ପରେ ସଙ୍ଗେ ସଙ୍ଗେ ଟୁରିଷ୍ଟ ଗାଇଡ ମନୋରଞ୍ଜନ ଦାସଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ୪ଫୁଟ ଲମ୍ବର କଣ୍ଢ କାଲୁଆ ତମ୍ପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।



## ସଂକ୍ଷେପରେ

### ବିରୁଡ଼ି ଦଂଶନରେ ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର, ୧୫।୭(ଡି.ଏନ.ଏ.)-ବାଲେଶ୍ୱର ଜିଲାର ଜଳେଶ୍ୱର ପୌର ପାଳିକାର ୧୫ନଂ. ୱାର୍ଡ ନହଞ୍ଜରା ଗାଁର ଗୌରହରି ବ୍ରହ୍ମଙ୍କ ଦ୍ୱିତୀୟ ସ୍ତ୍ରୀ ସୁମତୀ (୫୮) ସବୁଦିନ ପରି ବାଡି ଅଗଣାରେ ଫୁଲ ତୋଳୁଥିବା ବେଳେ ଏକ ବିରୁଡ଼ିପଲ ଆକ୍ରମଣ କରିଥିଲେ । ପ୍ରାୟ ୭/୮ଟି ବିରୁଡି ତାଙ୍କୁ ବିନ୍ଧିଥିବାରୁ ସେ ଦୌଡି ଆସି ତୁଳସୀ ଚଉରା ମୂଳେ ବସିପଡିଥିଲେ। ସେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ ଜିକେ ଭଟ୍ଟର ଡାକ୍ତରଖାନାକୁ ନେବାକୁ ପ୍ରସ୍ତୁତି ଚାଲିଥିବା ବେଳେ ସେ ଅଚେତ ହୋଇପଡିଥିଲେ। ତାଙ୍କୁ ଡାକ୍ତରଖାନା ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ଦୁଇ ପୁଅ ଅଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ଜୀବନଗଲା

ସୋର, ୧୫।୭(ଡି.ଏନ.ଏ.)-ଗୁରୁବାର ରାତିରେ ସୋର ଥାନା ଅଧୀନ ପାଳସାହି ଗ୍ରାମର ଜଣେ ବୃଦ୍ଧା ପୋଖରୀରେ ବୁଡିଯାଇ ପ୍ରାଣ ହରାଇଛନ୍ତି। ଚମ୍ପାବତୀ ନାୟକ(୭୦) ଗୁରୁବାର ରାତି ୧୦ଟା ବେଳେ ଖାଇସାରି ଘର ନିକଟ ପୋଖରୀକୁ ଶୌଚ ହେବାକୁ ଯାଇ ଅସାବଧାନତାରୁ ପୋଖରୀରେ ପଡି ଯାଇଥିଲେ। କିଛି ସମୟ ପରେ ସେ ନ ଫେରିବାରୁ ଘର ଲୋକ ତାଙ୍କୁ ଖୋଜାଖୋଜି କରି ସଂଜ୍ଞାହୀନ ଅବସ୍ଥାରେ ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୋଲିସ ମାମଲା ରୁଜୁ କରି ଶନିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିବେକାନନ୍ଦ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା

ବାଲେଶ୍ୱର ଅଫିସ,୧୫।୭-ବାଲେଶ୍ୱର ସହର ଜେଲରୋଡ଼ସ୍ଥିତ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖାରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୋଗଦେଇ ବିନୋଦ ବିହାରୀ ପଣ୍ଡା ପୌରାଣିକ ଉପାଖ୍ୟାନଠାରୁ ଆରମ୍ଭ କରି ଆଜିର ଗୁରୁଙ୍କ ତଥ୍ୟଭିତ୍ତିକ ବକ୍ତବ୍ୟ ଦେଇଥିଲେ। କେନ୍ଦ୍ରାଧକ୍ଷା ଡା. ଗିତା ଗିରି ସଭାପତିତ୍ୱ କରିଥିଲେ। ଡ. ନିରଞ୍ଜନ ଦାଶ ସଭା ସଂଯୋଜନା କରିଥିଲେ। ପ୍ରାନ୍ତୀୟ ନେତୃତ୍ୱ ପ୍ରେମାନନ୍ଦ ପିରି ଏବଂ ପ୍ୟାରେଲାଲ ଶର୍ମା ବିଶେଷ ଯୋଗଦାନ କରିଥିଲେ। ସମ୍ପର୍କ ପ୍ରମୁଖ ରାଧାକୃଷ୍ଣ ଆଚାର୍ଯ୍ୟ, ଦେବାଶିଷ ଦାସ, ଅଶୋକ ସାହୁ, ଅରୁଣ ବେହେରା, ନିରଞ୍ଜନ ପଣ୍ଡା, ଲକ୍ଷ୍ମୀଚରଣ ପଣ୍ଡା, ବିଷ୍ଣୁପଦ ମିଶ୍ର, ସମରେନ୍ଦ୍ର ସାହୁ, ବିଜୟ ଲକ୍ଷ୍ମୀ ନାଥ, ସୁଶ୍ରୀ ସଙ୍ଗିତା ଦାଶ, ମିନତୀ ଦେ ପ୍ରମୁଖ ପରିଚାଳନା କରିଥିଲେ।

### କୃତୀ ଆଦିବାସୀ ଛାତ୍ରଙ୍କୁ ଶୁଭେଚ୍ଛା

ବୈଶିଙ୍ଗା,୧୪।୭(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ଜଣେ ଅଦିବାସୀ ଛାତ୍ର ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ହେଲେ ରଣଜିତ ସିଂଙ୍କ ପୁଅ ବୁଦ୍ଧେଶ୍ୱର। ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ସମାରୋହରେ ତାଙ୍କୁ ଏହି ସମ୍ମାନ ଜନକ ସ୍ନାତକୋତ୍ତର ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି ସଫଳତା ଲାଗି ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ବୈଶିଙ୍ଗା ଡାକ୍ତରଖାନା ପରିସରରେ ଏକ ଚା ଦୋକାନ କରି ପରିବାର ଭରଣ ପୋଷଣ କରୁଥିବା ରଣଜିତଙ୍କ ବଡ଼ ପୁଅ ହେଉଛନ୍ତି ବୁଦ୍ଧେଶ୍ୱର।

# ଭିଜିଲାନ୍ସ ଅଧିକାରୀଙ୍କ ନାମରେ ଚିଟ୍‌ଫଣ୍ଡ ଠକେଇ ମାମଲା

**ବାଲେଶ୍ୱର ଅଫିସ, ୧୫।୭**

ଅର୍ଥଲଗାଣ ସଂସ୍ଥାରେ ଟଙ୍କା ଲଗାଇବା ଲାଗି ଲୋକଙ୍କୁ ପ୍ରବର୍ତ୍ତାଇବା ଅଭିଯୋଗରେ ବାଲେଶ୍ୱର ଜିଲା ଭିଜିଲାନ୍ସ କୋର୍ଟରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟରଙ୍କ ପରିବାର ସମେତ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଏବଂ ୩ଜଣ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଏନେଇ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳର ସୁମନ୍ତୀ ରାଉତ ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଜ୍ ସୁନୀତା ବିଶ୍ୱାଳ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ରାସଗୋବିନ୍ଦପୁର ଥାନାରେ ମାମଲା ରୁଜୁ ସହ ତୁରନ୍ତ ପଦକ୍ଷେପ ନେବାକୁ ଥାନାର ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୧ କରୋନା ମହାମାରୀ ସମୟରେ ବାଲେଶ୍ୱର ଭିଜିଲାନ୍ସ କୋର୍ଟ ସବ-ଇନ୍ସପେକ୍ଟର ରାମଚନ୍ଦ୍ର ମହାଳିକ, ସ୍ତ୍ରୀ ଓ ପୁଅ ନାମରେ'କ୍ରାଉଡ୍ ୱାନ୍' ନାମକ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଥିଲେ। ନିଜକୁ ଭିଜିଲାନ୍ସର ଉଚ୍ଚ ପଦାଧିକାରୀ ଭବେ ମିଥ୍ୟା ପରିଚୟ ଦେଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଉକ୍ତ ସଂସ୍ଥାରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଇଥିଲେ। ଏପରିକି ପ୍ରତି ୩ ମାସରେ ଜମାକାରୀମାନଙ୍କୁ ବିନା ପରିଶ୍ରମରେ କୋଟି କୋଟି ଟଙ୍କା ପାଇବାର ଲୋଭ ଦେଖାଇ ନଗଦ ଜମାରାଶି ଆଦାୟ କରିଥିଲେ। କରୋନା ବେଳେ ସାରା ବିଶ୍ୱରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚନ୍ଦ୍ରପୃଷ୍ଠରେ ଭର୍ଚ୍ୟୁଆଲ ଲ୍ୟାଣ୍ଡ ଯୋଗାଇବା ସହ ଲକ୍ଷ ଲକ୍ଷ ଟଙ୍କା ଆୟ କରିବା ଲୋଭ ଦେଖାଇ କ୍ରାଉଡ୍ ୱାନ୍ କମ୍ପାନୀ ନାମରେ ଲୋକଙ୍କ ପାଖରୁ ଟଙ୍କା ଲୁଟି ନେଇଥିବା ଅଭିଯୋଗ



ସ୍ତ୍ରୀଙ୍କ ସହ ଭିଜିଲାନ୍ସ ସବ୍‌ଇନ୍ସପେକ୍ଟର ରାମଚନ୍ଦ୍ର ମହାଳିକ।

ହୋଇଛି। ଟଙ୍କା ଜମା କରିବାର ପ୍ରତି ୩ ମାସରେ ଜମାକାରୀଙ୍କୁ ଲାଭାଂଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଦେଢ଼ ବର୍ଷ ଧରି ଜମାକାରୀମାନଙ୍କୁ କୌଣସି ଲାଭ ଦେଇନାହାନ୍ତି। ଜମାକାରୀମାନେ ବାରମ୍ବାର ମହାଳିକଙ୍କୁ କହୁଥିଲେ ମଧ୍ୟ ସେ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିଲେ। ମହାଳିକ ଓ ତାଙ୍କର ସହଯୋଗୀଙ୍କ ପଛରେ ଗୋଡ଼ାଇ ନିରାଶ ହେବା ପରେ ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିଲେ। ଜମାକାରୀ ସୁମନ୍ତୀ ରାଉତ ରାସଗୋବିନ୍ଦପୁର ଥାନା ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଯାଇ ବିଫଳ ହେବା ପରେ ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ଆଇସିସି କେସ୍ ନଂ. ୦୭/୨୦୨୨ (ଦଫା -୨୯୪/ ୧୨୦(ବି)/୧୬୮/୧୭୦/୨୨୩/ ୪୧୬/ ୪୧୭/ ୪୧୮ /୪୧୯/୪୨୦ /୩୫୪/୫୦୬/ ୫୦୦/୩୪ ) ଅନୁଯାୟୀ ଜଜ୍ ମୁଦୋଲାଙ୍କ ବିରୋଧରେ ମାମଲା ରୁଜୁ ଆଦେଶ ଦେଇଥିବା ଜଣାଯାଇଛି।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

**କୁଆମରା,୧୫।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବ ପକ୍ଷରୁ ଶୁକ୍ରବାର ପୁରୁଣା ବାରିପଦାଠାରେ ବ୍ଲକର ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଟପ୍ ଟେନ୍ ଛାତ୍ରୀଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରେସ୍ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବଳ ଦାସ, ବରିଷ୍ଠ ଅତିଥି ପୁରୁଣା ବାରିପଦା ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସୁରେନ୍ଦ୍ର ପ୍ରସାଦ ରାଉତ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୁଳମଣି ନାଏକ ଓ ସମ୍ମାନିତ ଅତିଥି ସରପଞ୍ଚ ଭୋଳାନାଥ ସିଂ ଯୋଗଦେଇ ପରିଶ୍ରମ ଯେତେ କଠିନ ହେବ, ଏହାର ପରିଣାମ ସେତେ ସୁନ୍ଦର ହେବ ବୋଲି ମତବ୍ୟକ୍ତ କରିଥିଲେ। ଯେଉଁ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ଲବର ସମ୍ପାଦକ ଡ. କୁମାର ବାବୁଲି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେସ୍ କ୍ଲବର ସଦସ୍ୟ ଦୀପକ ଚୌଧୁରୀ, ଶାନ୍ତନୁ ମଣ୍ଡୁଆଳ, ବିଶ୍ୱଜିତ ଦାଶ, ଯୋଗେଶ୍ୱର ସାହୁ, ଚିତ୍ତରଞ୍ଜନ ଦଳେଇ, ସୂର୍ଯ୍ୟକାନ୍ତି ପୁହାଣ, ସମ୍ବିତ କୁମାର ରାଉତ, ରଞ୍ଜନ କୁମାର ମଣ୍ଡୁଆଳ, ଜୟନ୍ତ କୁମାର ସ, ହୀରେନ ରାୟ, ମାଣିକ ହେମ୍ବ୍ରମ, ପ୍ରମୋଦ କୁମାର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଣୀ ଚିକିତ୍ସା ସେବା ଲୋକାଭିମୁଖୀ କରିବାକୁ ଗୁରୁତ୍ୱ





ପ୍ରାଣୀ ଚିକିତ୍ସା କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକରେ ଅତିଥିମାନେ।

**ଭଦ୍ରକ ଅଫିସ, ୧୫।୭**

ନିଖିଳ ଉତ୍କଳ ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ପ୍ରାଣୀ ଚିକିତ୍ସାଳୟ ସଭାଗୃହରେ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ସୁବାସ ଚନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭେନ୍ଦୁ କୁମାର ମିଶ୍ର, ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଭବାନୀ ପ୍ରସାଦ ମହାପାତ୍ର, ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ଉମ୍ବରୁଧର ତରାଇ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଚନ୍ଦ୍ରଶେଖର ରଥ, ଡା. ସୁଶୀଲ ଧଳ, ଡା. ଗୋପାଳ ଚନ୍ଦ୍ର ବଳ, ରାଜ୍ୟ ସଂଘ ପ୍ରତିନିଧି ଲଳିତେନ୍ଦୁ ଦଳେଇ, ପୂର୍ବତନ ମୁଖ୍ୟ କିରାଣି ବସନ୍ତ ସାହୁ, ପୂର୍ବତନ ସଂଘ ସଭାପତି ବ୍ରଜକିଶୋର ଦାଶ ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କର କାର୍ଯ୍ୟ କ୍ଷେତ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଦିଗରେ ସେମାନେ ଉପାଦେୟ ପରାମର୍ଶ ଦେବା ସହ ଏକାଠି ହୋଇ କାର୍ଯ୍ୟ କଲେ ସଂଘ ଗଠନର ଲକ୍ଷ୍ୟ ସଫଳ ହୋଇପାରିବ ବୋଲି କହିଥିଲେ।

ପ୍ରାଣୀ ଚିକିତ୍ସା ସେବାକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ବ୍ଲକ ଓ ଜିଲା ସ୍ତରରେ ଖାଲି ଥିବା ପଦବୀକୁ ପୂରଣ କରିବା, ପ୍ରତି ପଞ୍ଚାୟତରେ ପ୍ରାଣୀ ସହାୟକ କେନ୍ଦ୍ର ଖୋଲିବା, ଖାଲିଥିବା ପ୍ରାଣୀଧନ ପଦବୀ ତୁରନ୍ତ ପୂରଣ ଆଦି ବିଭିନ୍ନ ଦାବି ସଂଘ ପକ୍ଷରୁ ବୈଠକରେ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ନିର୍ବାଚିତ ସଂଘର ଜିଲା ସଭାପତି ପ୍ରିୟବ୍ରତ ରାଉତ, ସମ୍ପାଦକ ଭାସ୍କର ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଭକ୍ତ ରଞ୍ଜନ ମଲ୍ଲିକ, ଉପସଭାପତି ବିଶ୍ୱନାଥ ପ୍ରତାପ ବଳ ଓ ସଙ୍ଗଠନ ସମ୍ପାଦକ ବିଶ୍ୱଭୂଷଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମସ୍ତ ଅବସରପ୍ରାପ୍ତ ଓ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କିରାଣି ମନୋଜ ଜେନା, ପ୍ରାଣୀଧନ ନିରୀକ୍ଷକ ମହେଶ୍ୱର ନାୟକ, ରବୀନ୍ଦ୍ର କୁମାର ସେଠୀ, ସତ୍ୟରଞ୍ଜନ ଜେନା, ଜଗନ୍ନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଙ୍ଗିରିପୋଷି,୧୫।୭(ଡି.ଏନ.ଏ.)**

ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମ୍ମାନ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଭାଗ ମୁଖ୍ୟ ଡ. ନିର୍ମଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିଭାଗ ଛାତ୍ରୀଛାତ୍ର ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପବିତ୍ରମୋହନ ଦାଶ ଯୋଗ ଦେଇଥିଲେ। ବିଭାଗର କନିଷ୍ଠ ଅଧ୍ୟାପକ ମନୋଜ କୁମାର ପ୍ରଧାନ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ, ସମ୍ମାନିତ ବକ୍ତା ତଥା ଅର୍ଥନୀତି ବିଭାଗର ମୁଖ୍ୟ ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ପ୍ରଥମ ବର୍ଷ ଛାତ୍ରୀ ପ୍ରଭାତୀ ପୃଷ୍ଟି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଦ୍ୱିତୀୟ ବର୍ଷ ଛାତ୍ରୀ ବବିତା ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ମନସୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ବିଦାୟୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ କ୍ରିଷ୍ଣା ଚନ୍ଦ୍ର ମୁଖି ବିଭାଗର ଅନୁଭୂତି ବଖାଣି ଥିଲେ । ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀଛାତ୍ର ଓ ମହାବିଦ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ସୁନା ଲୁଟ୍ ଘଟଣା: ଦେଢ଼ବର୍ଷ ପରେ ଜଣେ ଗିରଫ

**ସୋର, ୧୫।୭(ଡି.ଏନ.ଏ.)**

ଗତ ୨୦୨୦ ନଭେମ୍ବର ୪ ତାରିଖରେ ୧୬ ନମ୍ବର ଜାତୀୟ ରାଜପଥ ବିଦୁ ପେଟ୍ରୋଲ ପମ୍ପ ଆଗରେ ଦୁଇଟି କଳା ପଲ୍‌ସରରେ ୬ଜଣ ଦୁର୍ବୃତ୍ତ ଜଣେ ସୁନା ବେପାରୀଙ୍କୁ ଆକ୍ରମଣ କରି ଅଧକିଲୋ ଓଜନର ସୁନା ଗହଣା ଲୁଟି ନେଇଥଲେ। ଏହି ଘଟଣାର ଦେଢ଼ବର୍ଷ ପରେ ଜଣେ ଡକାୟତଙ୍କ ପୋଲିସ ଧରିବାକୁ ସକ୍ଷମ ହୋଇଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ.୩୭୦/୨୦) ରୁଜୁ କରି ବିଭିନ୍ନ ଆଡ଼େ ତଦନ୍ତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ବାଲେଶ୍ୱର ଗୋଧିବସା ଅଞ୍ଚଳର ବିଶାଳ ପାତ୍ରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

ଆନନ୍ଦପୁର ଅଞ୍ଚଳର ଜଣେ ସୁନା ବ୍ୟବସାୟୀ ବାଲେଶ୍ୱରରେ କେତେକ ସୁନା ଦୋକାନରେ ସୁନା ଗହଣା ଯୋଗାଇ ଫେରୁଥିବା ବେଳେ ବିଦୁ ନିକଟରେ ୨ଟି ନମ୍ବର ବିହୀନ ପଲ୍‌ସର ବାଇକ୍‌ରେ ୬ଜଣ ଦୁର୍ବୃତ୍ତ ଆସି ବାଇକକୁ ଧକ୍କା ମାରିଥିଲେ। ସେ ପଡ଼ିଯିବାରୁ ତାଙ୍କୁ ଛୁରି ଦେଖାଇ ମାଡ଼ମାରି ତାଙ୍କ ଠାରୁ ୫୦୦ଗ୍ରାମର ସୁନା ବ୍ୟାଗ୍‌କୁ ଛଡ଼ାଇ ନେଇ ପଳାଇ ଯାଇଥିଲେ।

# ସମ୍ବର୍ଦ୍ଧିତ ହେଲେ ୩ ମେଧାବୀ



ଚିଙ୍ଗୁଡ଼ିପୁର ହାଇସ୍କୁଲରେ ଜଣେ ଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

**ଭଣ୍ଡାରିପୋଖରୀ,୧୫।୭(ସ୍ବ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୩ ମେଧାବୀ ଛାତ୍ରୀଙ୍କୁ ବିଷ୍ଣୁପୁର ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନଶିକ୍ଷକ ସୁବଳ ପତ୍ର ସଭାପତିତ୍ୱ କରିଥିଲେ। ସରପଞ୍ଚ ଅମୂଲ୍ୟ କୁମାର ନାୟକ ମୁଖ୍ୟଅତିଥି, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ଅରୁଣ ଖିଲାର, ସେବା ସମବାୟ ସମିତି ସଭ୍ୟ ବିଜୟ ଖିଲାର, ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ, ପରିଚାଳନା କମିଟି ସଭାପତି ବାସୁଦେବ ଗୋଛାୟତ, ସମିତିସଭ୍ୟଙ୍କ ପ୍ରତିନିଧି ଦୀପକ ପାଣିଗ୍ରାହୀ, ସାମାଜିକ କର୍ମୀ ପ୍ରସନ୍ନ ରାଉଳ, ସୁଶାନ୍ତ ନାୟକ, ସୁବାସ ମଲିକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ମେଧାବୀ ଛାତ୍ରୀ ଅନନ୍ୟା ପାତ୍ର, ଦେବସ୍ମିତା ପେଡ଼ା ଓ ସନ୍ତୋଷିନୀ ମାଝିଙ୍କୁ ପ୍ରୋତ୍ସାହନ ରାଶି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଆମ୍ବହତା କେନାଲ ପରିଦର୍ଶନ କଲେ ଜଳସେଚନ ବିଭାଗ ଅତିରିକ୍ତ ସଚିବ

**ଖଇରା, ୧୫।୭(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ଅତିରିକ୍ତ ସଚିବ ଅନୁ ଗର୍ଗ ଶୁକ୍ରବାର ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ଚାଲିଥିବା ଆମ୍ବହତା କେନାଲ ପରିଦର୍ଶନ କରି ଫେରିଛନ୍ତି । ଅତିରିକ୍ତ ସଚିବଙ୍କ ସହ ବୈତରଣୀ ଡିଭିଜନର ମୁଖ୍ୟଯନ୍ତ୍ରୀ ଓ ବିଭିନ୍ନ ଡିଭିଜନର ଅଧୀକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ କେନାଲର ଅଗ୍ରଗତି ଏବଂ ସାରକୋଣାଠାରେ ସୃଷ୍ଟି ହୋଇଥିବା ଘାଇ ଦେଖିବା ସହ ସମୀକ୍ଷା କରିଥିଲେ। ଖଇରା



ଅଧିକାରୀମାନେ ଆମ୍ବହତା କେନାଲ ବୁଲି ଦେଖୁଛନ୍ତି।

ତହସିଲଦାର ମହେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ । ପରେ ଗର୍ଗ ମାର୍କୋଣା ଓ ଭଦ୍ରକ ଗସ୍ତ କରି ବିଭିନ୍ନ ସ୍ଥାନରେ ଚାଲିଥିବା କେନାଲ ପରିଦର୍ଶନ କରିଥିଲେ। ଆମ୍ବହତା କେନାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେବା ଏବଂ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ସତ୍ତ୍ୱେ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡି ରହିବାକୁ ନେଇ ବାରମ୍ବାର ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଆସୁଥିଲା। ଏନେଇ ଠିକାଦାରଙ୍କ ସହ ସ୍ଥାନୀୟ ଗ୍ରାମବାସୀଙ୍କ ବହୁ ସମୟରେ ଯୁକ୍ତିତର୍କ ବାଦବିବାଦ ଲାଗି ରହିଛି ।

# ପୂର୍ଣ୍ଣାଙ୍ଗ ହେଉନି ପାନୀୟ ଜଳ ପ୍ରକଳ୍ପ

## ପାଇପ ଖୋଳା ଗାତରେ ପଡୁଛନ୍ତି ଜୀବଜନ୍ତୁ

**ଖଇରା, ୧୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶହୀଦ ନଗର ଗ୍ରାମବାସୀଙ୍କୁ ପାଣି ଯୋଗାଇବାକୁ ନିର୍ମାଣାଧୀନ ସୋଲାର ପମ୍ପ ହାଉସ ଏବେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଜଟିଳ ସମସ୍ୟାରେ ପକାଇଛି । ପାଇପ ବିଛାଯିବା କାର୍ଯ୍ୟ ପାଇଁ ଖୋଳାଯାଇଥିବା ଗାତରେ ପଡି ଦୈନନ୍ଦିନ ଗୃହପାଳିତ ପ୍ରାଣୀ ସମେତ ଅନ୍ୟାନ୍ୟ ଜୀବଜନ୍ତୁ ଆହତ ହେଉଛନ୍ତି । ଏଭଳିକି ମାଟି କାଦୁଅ ଯୋଗୁ ଗ୍ରାମବାସୀ ଯାତାୟାତ ପାଇଁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବନିତା ପ୍ରଧାନଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି । ସ୍ଥାନୀୟ ତୁରନ୍ତ ଗାତ ପୋତାଯାଇ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରା ନ ଗଲେ ଗ୍ରାମବାସୀ ଧାରଣାରେ ବସିବାକୁ ଆରତୀ ବେହେରା, ମୁକୁନ୍ଦ



ପାଇପ ବିଛାଯିବା ପାଇଁ ଖୋଳାଯାଇଥିବା ଗାତ।

ବେହେରା, ଭାଗବତ ବେହେରା, ରମାକାନ୍ତ ବେହେରା, ହଡିବନ୍ଧୁ ମୁର୍ମୁ ଓ ୱାର୍ଡସଭ୍ୟା ଦମୟନ୍ତୀ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

ସେମାନଙ୍କର ଅଭିଯୋଗ ଅନୁଯାୟୀ ଗ୍ରାମରେ ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗ ତରଫରୁ ଏକ ସୋଲାର ପମ୍ପ ବସାଇବା ଉଦ୍ଦେଶ୍ୟରେ ପାଇପ ବିଛାଇବାକୁ ଅନ୍ୟୁନ ୧ ମାସ ତଳେ ଗାତ ଖୋଳି ଛାଡି ଦିଆଯାଇଥିଲା । ତେବେ ବର୍ଷା ହେବା ପରେ ଏହି ଗାତରେ ପାଣି ଭର୍ତ୍ତି ହେବା ସହ ଗ୍ରାମବାସୀଙ୍କ ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରୁଛି। ଯାତାୟାତ ରାସ୍ତାରେ ମାଟି କାଦୁଅ ଜମିବା ଯୋଗୁ ସାଧାରଣ ଲୋକଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ଗୋରୁ ଓ ଛେଳି ଏହି ଗାତରେ ପଡି ଖଣ୍ଡିଆଖାବରା ହେଉଛନ୍ତି । ଗ୍ରାମବାସୀ ପୂର୍ବର ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ଠିକାଦାର ସମ୍ୟକ କର୍ଣ୍ଣପାତ କରୁନାହାନ୍ତି । ଏ ସମ୍ପର୍କରେ ଯନ୍ତ୍ରୀ ବିକ୍ରମାଦିତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

## ହଷ୍ଟେଲରୁ ନିଖୋଜ ୫ମ ଶ୍ରେଣୀ ଛାତ୍ରଙ୍କ ପତ୍ତା ମିଳୁନି

**ବଡ଼ବିଲ,୧୫।୭(ସ୍ବ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ବଜାରସ୍ଥିତ ନୋଡାଲ ସ୍କୁଲ ପରିସରରେ ଥିବା ଅର୍ବାନ ଡେପ୍ରାଭ୍‌ଡ ହଷ୍ଟେଲରୁ ଜଣେ ପଞ୍ଚମ ଶ୍ରେଣୀଛାତ୍ର ଗତ ୯ ତାରିଖ ସକାଳୁ ନିଖୋଜ ହୋଇଯାଇଛନ୍ତି। ନୋଡାଲ ସ୍କୁଲର ଶିକ୍ଷୟିତ୍ରୀ ତିଳୋତ୍ତମା ମହାନ୍ତ ୧୩ ତାରିଖ ରାତିରେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୪୫/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ନିଖୋଜ ଛାତ୍ରଙ୍କ ପତ୍ତା ମିଳୁନି।

ସୂଚନା ଅନୁଯାୟୀ, ବଡ଼ବିଲ ବଜାର ଅଞ୍ଚଳରେ ଥିବା ନୋଡାଲ ସ୍କୁଲ ଏବଂ ଅର୍ବାନ ଡେପ୍ରାଭ୍‌ଡ ହଷ୍ଟେଲ ଗୋଟିଏ ପରିସରରେ ରହିଛି। ହଷ୍ଟେଲରୁ ଜଣେ ୧୨ ବର୍ଷର ଛାତ୍ର ନିଖୋଜ ହେବାପରେ ହଷ୍ଟେଲ ଇନ୍‌ଚାର୍ଜ ଘଟଣା ସମ୍ପର୍କରେ ପୋଲିସକୁ ତୁରନ୍ତ ଅବଗତ ନ କରି ୫ ଦିନ ବ୍ୟବଧାନରେ ଥାନାରେ ଅଭିଯୋଗ କରିବା ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

# କୁସୁଡିହା-ଦଣ୍ଡାନାଳ ରାସ୍ତା ମରଣଯନ୍ତା

## ମରାମତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ରୂପସା, ୧୫।୭(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ କୁସୁଡ଼ିହା ଛକଠାରୁ ଦଣ୍ଡାନାଳ ପର୍ଯ୍ୟନ୍ତ ଥିବା ଆରଡ଼ି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବର୍ଷାଦିନେ ରାସ୍ତାରେ ପାଣି ଜମିବା ସହ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଏହି ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମରାମତି ପାଇଁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପଞ୍ଚାୟତ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୈନନ୍ଦିନ ଶତାଧିକ ଲୋକ, ବ୍ୟବସାୟୀ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯା'ଆସ କରିଥାନ୍ତି। ସ୍ଥାନୀୟ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ହଳଦୀପାଳ ହାଟ ଉପରେ ନିର୍ଭର କରିଥାଆନ୍ତି। ବର୍ତ୍ତମାନ



କାଦ ପଚ ପଚ ରାସ୍ତା।

ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ବାଇକ୍, ସାଇକେଲ ଆରୋହୀ ଯାତାୟାତ କରିବା ଅସମ୍ଭବ ହୋଇପଡ଼ିଛି। ଜିଲାପାଳଙ୍କ ଜନଶୁଣାଣି ଶିବିରରେ ରସଲପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଙ୍କୁର ତରେଇ ସମସ୍ୟା ସମାଧାନ ପାଇଁ ଦାବିପତ୍ର ଦେଇଛନ୍ତି। ଖୁବ୍‌ଶୀଘ୍ର ରାସ୍ତା ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

## ଚୋରଙ୍କୁ ଛେଚିଲେ ଗ୍ରାମବାସୀ

ଜଳେଶ୍ୱର,(ଡି.ଏନ୍.ଏ.)-ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅଧୀନ ବେଲି ଗୋପିନାଥପୁର ଗାଁର ଗୌରାଙ୍ଗ ଦାସଙ୍କ ଘରେ କେହି ନ ଥିବାର ଦେଖି ଜଣେ ଅଚିହ୍ନା ଯୁବକ ଘର ଭିତରକୁ ପଶିଥିଲେ । ଘରେ ଥିବା ବାଇକ୍, ମୋବାଇଲ ଧରି ଚମ୍ପଟ ମାରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଚୋରଙ୍କୁ କାବୁ କରିଥିଲେ । ତାଙ୍କୁ ଏକ ସିମେଣ୍ଟ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ । ଫଳରେ ସେ ବିଭିନ୍ନ ସ୍ଥାନରେ ଚୋରି କରିଥିବା ଘଟଣା ସମ୍ପର୍କରେ ସ୍ୱୀକାର କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଚୋରଙ୍କୁ ଗିରଫ କରି ଥାନାକୁ ନେଇଥିବା ଜଣାଯାଇଛି ।

### ସଂକ୍ଷେପରେ

## ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଜଳେଶ୍ୱର, ୧୫।୭(ଡି.ଏନ୍.ଏ.)- ହାଇଦ୍ରାବାଦରେ ଏକ ନିର୍ମାଣ କାର୍ଯ୍ୟରେ ସାମିଲ ଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଜଣେ ଯୁବକ ଛାତରୁ ଖସି ପ୍ରାଣ ହରାଇଛନ୍ତି। ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନା ଥାନା ଅଞ୍ଚଳର ଶମ୍ଭୁ ଓରଫ୍ ସପନ ହାଁସଦା(୨୮) ଜଳେଶ୍ୱରର ପୁରୁଣା କୋର୍ଟ ବଜାରରେ ଛୋଟ ବେଲ୍ଟୁ ରହି ଆସୁଥିଲେ। । କିଛିଦିନ ପୂର୍ବରୁ ସେ ହାଇଦ୍ରାବାଦ ଯାଇ ଏକ ଘର ଛାତ ଢଳେଇ କାର୍ଯ୍ୟରେ ସାମିଲ ଥିଲେ। ଶୁକ୍ରବାର ତାଙ୍କ ମରଶରୀର ଜଳେଶ୍ୱରରେ ପହଞ୍ଚିଥିଲା । ତାଙ୍କ ବିଧବା ସ୍ତ୍ରୀ ଜ୍ୟୋତ୍ସ୍ନା ହାଁସଦା ଓ ନାବାଳକ ପୁଅ, ଝିଅଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଏମ୍‌କେସି ହାଇସ୍କୁଲ କୃତୀ ବିଦ୍ୟାର୍ଥୀ ପୁରସ୍କୃତ

ବାରିପଦା ଅଫିସ,୧୫।୭- ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ରୀମତୀ ବିଷ୍ଣୁପ୍ରିୟା ଏବଂ ଡ. ଲଡୁକେଶ୍ୱର ଶତପଥୀ ନୀଳଚକ୍ର ପୁରସ୍କାର-୨୦୨୨ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ କୌଶଲ୍ୟା ସିଂଙ୍କୁ ୫ହଜାର ଓ ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଓମ୍ ପ୍ରକାଶ ଦାସଙ୍କୁ ୪ହଜାର ପ୍ରଦାନ କରାଯାଇଛି । ଅନୁରୂପ ଭାବେ ନବମ ଶ୍ରେଣୀର ଶ୍ରେଷ୍ଠ ବିଦ୍ୟାର୍ଥୀ ବିଭୁକିଶୋର ମଲ୍ଲିକ୍ ଓ ସ୍ୱୟଂସଂପୂର୍ଣ୍ଣା ମଲ୍ଲିକଙ୍କୁ ଯଥାକ୍ରମେ ୪ ଓ ୩ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ବିଦେଶରେ ଅବସ୍ଥିତ ବିଦ୍ୟାଳୟର କୃତୀ ପ୍ରାକ୍ତନ ବିଦ୍ୟାର୍ଥୀ ପ୍ରଫେସର ଶଶି ଶେଖର ଶତପଥୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅମୂଲ୍ୟ କୁମ୍ଭକାର, ପ୍ରଦୀପ କୁମାର ଦଣ୍ଡପାଟ, ଉପେନ୍ଦ୍ର ନାଥ ବେହେରା, ମନୋଜ କୁମାର ପରିଡ଼ା ଏବଂ ପ୍ରାକ୍ତନ ଛାତ୍ର ତିମିର କୁମାର ଘୋଷ ଓ ବିଜୟ କୁମାର ଦାସ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଯୁବ,ଛାତ୍ର ବିଜେଡି ପକ୍ଷରୁ ଚାରାରୋପଣ

ପାଟଣା,୧୫।୭(ସ୍ୱ.ପ୍ର.): ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଟାଙ୍ଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ୨୧ନଂ. ଜୋନ ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ନାଏକ, ସ୍ଥାନୀୟ ସରପଞ୍ଚ ସଞ୍ଜୁଲତା ନାଏକ, ସମିତି ସଭ୍ୟା ବୈଦେହୀ ନାଏକ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ପାଟଣା ବ୍ଲକ ଯୁବ ବିଜେଡି ସଭାପତି ରଘୁବର ମହାନ୍ତ, ବରିଷ୍ଠ ନେତା ଦୀପକ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# କଲେଜ ପଡ଼ିଆ ପାଲଟିଛି ଷ୍ଟକ୍‌ୟାର୍ଡ

କେନ୍ଦୁଝର,୧୫।୭(ସ୍ୱ.ପ୍ର.)

- ଅଧକ୍ଷଙ୍କ ଚିଠି ପରେ ବି ସ୍ଥାନାନ୍ତର ହେଉନି ପାଇପ୍
- ଛାତ୍ର ଆନ୍ଦୋଳନ ଦାନା ବାନ୍ଧୁଛି

କେନ୍ଦୁଝରସ୍ଥିତ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ପାଣି ପାଇପ୍ ଜମା କରାଯାଇଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ପାଇପ୍‌ଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ଗଚ୍ଛିତ ରଖାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କଲେଜର ଛାତ୍ରୀଛାତ୍ରଙ୍କ ସହିତ ପୁରାତନ ଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ଲୋକେ ଏହି ଷ୍ଟକୟାର୍ଡକୁ ଅନ୍ୟତ୍ର ଉଠାଇନେବାକୁ ଦାବି କରିଛନ୍ତି। ସେହିପରି ଏହି ପାଇପ୍ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ପାଇଁ ମାସେ ହେଲା ମହାବିଦ୍ୟାଳୟର ଅଧକ୍ଷ ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି କରିଥିଲେ ହେଁ ସେ ଶୁଣୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ମହାବିଦ୍ୟାଳୟ ପରିସର ଗୋପବନ୍ଧୁ ଛାତ୍ରବାସ ସମ୍ମୁଖ ପଡ଼ିଆରେ ଦୀର୍ଘ ମାସ ହେଲା ପାଣି ପାଇପ୍ ବିଛାଉଥିବା ଠିକା ସଂସ୍ଥା ବହୁ ସଂଖ୍ୟାରେ ପାଇପ୍ ଗଚ୍ଛିତ ରଖିଛନ୍ତି। ଫଳରେ ଛାତ୍ରୀଛାତ୍ରମାନଙ୍କର ଚଳପ୍ରଚଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ପାଇପ୍ ଗଚ୍ଛିତ ଯୋଗୁ ପରିସରର ସୌନ୍ଦର୍ଯ୍ୟ ହାନୀ ଘଟିବା ସହିତ ବିପଦପୂର୍ଣ୍ଣ ପରିବେଶ ସୃଷ୍ଟି କରୁଛି। ସେହିପରି ନିକଟରେ ୟୁଜିସି ଓ ନାକ୍ ଟିମ୍ ଗସ୍ତ କାର୍ଯ୍ୟକ୍ରମ ରହୁଥିବାରୁ ଏହା ମହାବିଦ୍ୟାଳୟର ମର୍ଯ୍ୟାଦା ହାନୀ ଘଟାଇବ ବୋଲି କୁହାଯାଉଛି। ସେହିପରି ଏହି ପରିସରରେ ଠିକା ସଂସ୍ଥାର


କଲେଜ ପଡ଼ିଆରେ ଗଦା ହୋଇଥିବା ପାଣି ପାଇପ୍।

କର୍ମଚାରୀ ମଧ୍ୟ କ୍ୟାମ୍ପ କରି ରହୁଥିବାରୁ ନାନା ବିଶୃଙ୍ଖଳା ଦେଖାଦେଉଛି। ଯାହାକୁ ନେଇ ପୁରାତନ ଛାତ୍ର ତଥା ଅଭିଭାବକ ଏବଂ ବର୍ତ୍ତମାନ ପାଠ ପଢୁଥିବା ଛାତ୍ରଛାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ମହାବିଦ୍ୟାଳୟ ପକ୍ଷରୁ ଚିଠିନଂ. ୧୩୫୦/୧୮।୬।୨୦୨୨ରେ ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି କରାଯାଇଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଏହାକୁ ନେଇ ଆଗାମୀ ଦିନରେ ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଭିନ୍ନ କ୍ଷେତ୍ର ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ଭଣ୍ଡାରିପୋଖରୀ,୧୫।୭(ସ୍ୱ.ପ୍ର.)

କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର ତିନିଦିନିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଶୁକ୍ରବାର ତୃତୀୟ ଦିନରେ ସେ ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ସେ ବାରିକପୁରଠାରେ ପହଞ୍ଚିବା ପରେ ସେଠାରେ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ କେନ୍ଦ୍ରମନ୍ତ୍ରୀ ପାଇମହୁରାସ୍ଥିତ ଟେକ୍ସଟାଇଲ ପାର୍କ ବୁଲି ଦେଖିବା ସହ କହରାପୋଖରୀ କ୍ରାନ୍ତି ମଇଦାନଠାରେ ପହଞ୍ଚି ଶହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗନ୍ଧର୍ବବିନ୍ଧା ଆଦିବାସୀ ସାହିଠାରେ ପହଞ୍ଚି ସେଠାକାର ଅଧିବାସୀମାନଙ୍କ ସହ ସେ ଭାବବିନିମୟ କରିଥିଲେ। ମଧାହ୍ନରେ ମଞ୍ଜୁରୀସ୍ଥିତ ବଳଦେବଜୀଉ ପୀଠରେ ପୂଜାର୍ଚ୍ଚନା କରିଥିଲେ କେନ୍ଦ୍ରମନ୍ତ୍ରୀ। ସେହିପରି ସିମିଳିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ


ଭଣ୍ଡାରିପୋଖରୀ ବାରିକପୁରଠାରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ ସ୍ୱାଗତ କରାଯାଉଛି।

ମହାନ୍ତିଙ୍କୁ ସେ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାସହ ବୈତରଣୀ ନଦୀର କଣ୍ଟି ଏସ୍କେପ୍ ଓ ଆଖୁଆପଦା ଆନିକଟ ପରିଦର୍ଶନ କରି ଭଦ୍ରକ ଫେରିଯାଇ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବିରଞ୍ଚି ତ୍ରିପାଠୀ, ନିର୍ବାଚନମଣ୍ଡଳୀ ନେତା ବଦ୍ରିନାରାୟଣ ଧଳ, ଜିଲା ସଭାପତି ହେମନ୍ତ ପାଢ଼ୀ, ସି.ପ୍ରା. ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ସମ୍ପାଦିକା ତପସ୍ୱିନୀ ମହାପାତ୍ର, ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ର, ହରପ୍ରିୟା ସାହୁ, ଚନ୍ଦ୍ରଶେଖର ନନ୍ଦ, ଶ୍ରୀଧର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଗିରିଶ ସାମଲ, ଜୟସ୍ମିତା ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# 'କେନ୍ଦ୍ର ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଅ'

ପଦ୍ମପୁର,୧୫।୭ (ଡି.ଏନ.ଏ.)

କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର ଗୁରୁବାର ସନ୍ଧ୍ୟାରେ ଧାମରା ବନ୍ଦର ପରିଦର୍ଶନ କରିବା ସହ ବନ୍ଦରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହ ବନ୍ଦରରେ କେନ୍ଦ୍ର ସରକାରଙ୍କର ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାଳନାଳୀ ଜେଟି ଓ ଏହାର ପାରପାର୍ଶ୍ୱିକ ବିକାଶ ଲାଗି ୧୪୦ କୋଟି ଟଙ୍କାର ମେଗା ପ୍ରକଳ୍ପ ସେ ବୁଲି ଦେଖିଥିଲେ। ବନ୍ଦରରେ ସ୍ଥାନୀୟ ଅଧିବାସୀଙ୍କ ନିଯୁକ୍ତି ଓ ଅଞ୍ଚଳର ବିକାଶ ଲାଗି ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

ଏହାପରେ ଧାମରାସ୍ଥିତ ଏକ ହୋଟେଲାରେ ଭାଜପା ପକ୍ଷରୁ ଆହୁତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ପ୍ରଭାରୀ ଓ ନେତୃମଣ୍ଡଳୀଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବାକୁ ସେ କହିଥିଲେ। ଏଥିସହ ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏହାପରେ ବାଲିମୁଣ୍ଡାଠାରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ ଦ୍ୱାରା ବିସ୍ଥାପିତମାନଙ୍କର ସମସ୍ୟା ଓ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ସେ ଅବଗତ ହୋଇଥିଲେ। ଭାଜପାର ରାଜ୍ୟ ସମ୍ପାଦକ ଗୋଲକ ମହାପାତ୍ର, ଅଭିମନ୍ୟୁ ସେଠୀ, ଠାକୁର ରଞ୍ଜିତ ଦାସ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ଦଳୀୟ ନେତା ମାଧବାନନ୍ଦ ମଲ୍ଲିକ, ଅଶୋକ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନସ୍ୱିତା ଖୁଣ୍ଟିଆ, ହରପ୍ରିୟା ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଧାମରା ଥାନାଧିକାରୀ ଶ୍ରୀକାନ୍ତ ପତି, ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ।

## କୁଳିଅଣା ଲାମ୍ପସ୍ ସଭାପତି ନିର୍ବାଚନ

କୁଳିଅଣା,୧୫।୭(ସ୍ୱ.ପ୍ର): ମୟୂରଭଞ୍ଜ ଜିଲା କୁଳିଅଣା ଲାମ୍ପସ୍‌ରେ ସଭାପତି ପଦ ସକାଶେ ନିର୍ବାଚନ ଶେଷ ହୋଇଛି। ଲାମ୍ପସ୍‌ରେ ସର୍ବମୋଟ ୧୪ଜଣ ମେମ୍ବର ଥିବା ବେଳେ ଶରତ ଚନ୍ଦ୍ର ନାଏକ ୯ଟି ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । କ୍ରମାଗତ ଭାବେ ସେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦୁର୍ଯୋଧନ ନାଏକ ମାତ୍ର ୪ ଭୋଟ ପାଇଥିଲେ।


ଶରତ ଚନ୍ଦ୍ର ନାଏକ

## ପାଟଣା ରେଞ୍ଜ୍‌କୁ ଫେରିଲେ ବଣୁଆ ହାତୀପଲ

ପାଟଣା,୧୫।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ଖିରେଇଟାଙ୍ଗିରୀ ସେକ୍ସନକୁ ୧୧ଟିକିଆ ବଣୁଆ ହାତୀପଲ ପୁଣି ଫେରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ସଦର ରେଞ୍ଜ ଅଞ୍ଚଳରେ ରହିଥିବା ବେଳେ ଶୁକ୍ରବାର ସକାଳୁ ପାଟଣା ରେଞ୍ଜକୁ ପ୍ରବେଶ କରିଛନ୍ତି। ହାତୀପଲ ଏବେ ଖିରେଇଟାଙ୍ଗିରୀ ସେକ୍ସନର କଣ୍ଟିଆପଡ଼ା ଗାଁ ନିକଟରେ ଡେରା ପକାଇଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନ୍ୟପକ୍ଷେ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବନ କର୍ମଚାରୀ ଆସୁ ନ ଥିବା କହି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାନ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଖୁବ୍‌ଶୀଘ୍ର ହାତୀପଲଙ୍କୁ ଏ ଅଞ୍ଚଳରୁ ଘଉଡ଼ାଇବା ପାଇଁ ସେମାନେ ଦାବି କରିଛନ୍ତି। ପ୍ରକାଶ ଥାଉକି, ମାସକ ତଳେ ଏହି ହାତୀପଲ ପାଟଣା ରେଞ୍ଜ୍‌ର ସାହାରପଡ଼ା ସେକ୍ସନକୁ ଆସି ଉପଦ୍ରବ କରିଥିଲେ।

## ସେବା ସମବାୟ ସମିତି ସଭାପତି ନିର୍ବାଚନ

### କଷାଫଳରେ ବିଶ୍ୱନାଥ

ବାଲେଶ୍ୱର ଅଫିସ, ୧୫।୭-ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଷାଫଳ ସେବା ସମବାୟ ସମିତି ସଭାପତି ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଶ୍ୱନାଥ ମାଲ ବିଜୟୀ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଦଳୀୟ ସମର୍ଥିତ ନିର୍ଦ୍ଦେଶକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। କଷାଫଳ ସେବା ସମବାୟ ସମିତିର ୧୫ଜଣ ନିର୍ଦ୍ଦେଶକଙ୍କୁ ନେଇ ବୁଧବାର ସଭାପତି ନିର୍ବାଚନ କରିବା ପାଇଁ ସ୍ଥିର କରାଯାଇଥିଲା। ସଭାପତି ପଦ ପାଇଁ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଭାଜପା ସମର୍ଥିତ ପ୍ରାର୍ଥୀ ବିଶ୍ୱନାଥ ମାଲ ୧୧ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଯଯାତି କେଶରୀ ପୃଷ୍ଟି ୪ଖଣ୍ଡ ଭୋଟ ପାଇଛନ୍ତି।

### ବଡ଼ପାଳରେ ଦୟାନିଧି

ଲଙ୍ଗଳେଶ୍ୱର,(ଡି.ଏନ.ଏ.)-ବାଲିଆପାଳ ବ୍ଲକ ବଡ଼ପାଳ ସେବା ସମବାୟ ସମିତି ସଭାପତି ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ଦୟାନିଧି ମହାପାତ୍ର ୧ଖଣ୍ଡ ଭୋଟ୍ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ମହାପାତ୍ରଙ୍କ ବିରୋଧରେ ସଞ୍ଜୟ କୁମାର ଜେନା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମହାପାତ୍ର ବିଜୟୀ ହେବା ପରେ ପୂର୍ବତନ ଜିଲପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ, ସରପଞ୍ଚ ପ୍ରତିନିଧି ହାଡିବନ୍ଧୁ ଜେନା, କାର୍ତ୍ତିକ ପାତ୍ର, ଶରତ ପ୍ରଧାନ, ପ୍ରଭାକର ଜେନା, ଧନଞ୍ଜୟ ଜେନା, ପ୍ରତିଭା ଭୂୟାଁ, ଯାଦବ ପ୍ରଧାନ, ଭୁବନ ଜେନା, ତ୍ରିଲୋଚନ ଦାସ, ଶରତ ପରିଡ଼ା, ପ୍ରଶାନ୍ତ ଭୂୟାଁଙ୍କ ସମେତ ସମିତି ନିର୍ଦ୍ଦେଶକ ସଞ୍ଜୀବ ଜେନା, ଦେବେନ୍ଦ୍ର ବାରିକ, ମନୋରଞ୍ଜନ ଦେ, ରବୀନ୍ଦ୍ର ଦାସଙ୍କ ସହ ବହୁ ସମର୍ଥକ ସ୍ୱାଗତ ଜଣାଇଥିଲେ।

### ନିଜଗଡ଼ରେ ରାମଚନ୍ଦ୍ର, ଶ୍ୟାମସୁନ୍ଦରପୁରରେ ମନୋରଞ୍ଜନ

ନୀଳଗିରି,(ସ୍ୱ.ପ୍ର.)-ନୀଳଗିରି ବ୍ଲକ ନିଜଗଡ଼ ସେବା ସମବାୟ ସମିତିରେ ବୁଧବାର ସଭାପତି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ପଦ ପାଇଁ ରାମଚନ୍ଦ୍ର ଦାସ ଓ ଧର୍ମେନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରାମଚନ୍ଦ୍ର ୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ମହାପାତ୍ର ୬ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଏହି ଅବସରରେ ସମ୍ପାଦକ ସୀତାକାନ୍ତ ମହାନ୍ତି, ସହସମ୍ପାଦକ ବସନ୍ତ ମିଶ୍ର, କର୍ମଚାରୀ ସୃଷ୍ଟିଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରେ ମନୋରଞ୍ଜନ ଦାସ ଓ ଜୟନ୍ତ କୁମାର ବେହେରା ମନୋନୟନପତ୍ର ଦାଖଲ କରିଥିଲେ। ମନୋରଞ୍ଜନ ୧୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଜୟନ୍ତ କୁମାର ବେହେରା ୪ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଆଗାମୀ ଦିନରେ ଚାଷୀଙ୍କ ଅସୁବିଧା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ୨ ସୋସାଇଟି ସଭାପତି କହିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ୨ଟି ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

### ଗୋପୀନାଥପୁରରେ ଅରୁଣ

ସୋର, (ଡି.ଏନ.ଏ.)-ସୋର ବ୍ଲକ ଓ ମ୍ୟୁନିସପାଲଟିରେ ଥିବା ସମୁଦାୟ ୭ଟି ସେବା ସମବାୟ ସମିତି ସଭାପତି ନିର୍ବାଚନ ମଧ୍ୟରୁ ୬ଟି ସେବା ସମବାୟ ସମିତିର ସଭାପତି ନିର୍ବାଚନ ପୂର୍ବରୁ ସରିଯାଇଥିଲା। ଗତ ବୁଧବାର ଗୋପୀନାଥପୁର ସେବା ସମବାୟ ସମିତିର ସଭାପତି ପାଇଁ ନିର୍ବାଚନ ହୋଇଥିଲା। ଏହି ସମିତିରେ ସଭାପତି ଲାଗି ୨ଜଣ ଅରୁଣ ନାୟକ ଓ କାର୍ତ୍ତିକ ବାରିକ ପ୍ରାର୍ଥୀ ହୋଇଥିଲେ। ଅରୁଣ ୯ଟି ଭୋଟ ପାଇଥିଲା ବେଳେ କାର୍ତ୍ତିକ ବାରିକଙ୍କ ସପକ୍ଷରେ ୬ଟି ଭୋଟ ମିଳିଥିଲା। ନିର୍ବାଚନ ଅଧିକାରୀ ଅରୁଣଙ୍କୁ ବିଜୟୀ ଘୋଷଣା କରିଥିଲେ।

### ଲକ୍ଷ୍ମଣନାଥରେ ସପନ

ଜଳେଶ୍ୱର,(ଡି.ଏନ.ଏ.)-ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାରେ ଥିବା ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ସେବା ସମବାୟ ସମିତିରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସପନ କୁମାର ଜେନା ୧୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ଆସନ୍ତା ଦିନରେ ଚାଷୀଙ୍କ ସମସ୍ୟା ଦୂର କରିବା ସହିତ ଗୋଦାମ ଘର ନିର୍ମାଣ କରିବାରେ ପ୍ରଚେଷ୍ଟା ଜାରି ରଖିବା ସହିତ ଧାନ ବିକ୍ରିରେ ସ୍ୱଚ୍ଛତା ଗ୍ରହଣ କରିବେ ବୋଲି କହିଛନ୍ତି। ପ୍ରଥମଥର ଲାଗି ନଛିମପୁର ପଞ୍ଚାୟତରୁ ସଭାପତି ପଦ ଦଖଲ କରିଥିବାରୁ ସରପଞ୍ଚ ରାଜେଶ ଜେନା, ରବୀନ୍ଦ୍ର ନାଥ ଦାସ, ବଂଶୀଧର ପ୍ରଧାନ, ସନ୍ଧ୍ୟାରାଣୀ ସିଂ, ସତ୍ୟକିଙ୍କର ଭୂୟାଁ, ପଞ୍ଚାନନ ଗିରି, ଜିତେନ୍ଦ୍ର ଦାସଙ୍କ ସହିତ ବହୁ ନିର୍ଦ୍ଦେଶକ ଶୁଭେଚ୍ଛା ଜଣାଇଛନ୍ତି ।

## ପାଟଣାରେ କନକଲତା, ରାଜନଗରରେ ଦମୟନ୍ତୀ ବିଜୟୀ

### ସମବାୟ ସମିତି ଉପସଭାପତି ନିର୍ବାଚନ

ପାଟଣା,୧୫।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ପାଟଣା ଓ ରାଜନଗର ସମବାୟ ସମିତିର ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଦୁଇ ସମିତିରେ ଜଣେ ଲେଖାଏ ପ୍ରାର୍ଥିନୀ ନାମାଙ୍କନ ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପାଟଣା ଲାମ୍ପ୍ସରେ ୮ ନଂ. ଜୋନ୍ ଡାଇରେକ୍ଟର କନକଲତା ନାଏକ ଓ ରାଜନଗରରେ ୧୪ ନଂ. ଜୋନ୍ ଡାଇରେକ୍ଟର ଦମୟନ୍ତୀ ନାଏକ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଦମୟନ୍ତୀ ଉପସଭାପତି ଭାବେ ଜିତିବା ପରେ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ଯୁବ ବିଜେଡି ବ୍ଲକ ସଭାପତି ରଘୁବର ମହାନ୍ତ, ବିଜେଡି ନେତା ରତନ ସେଠୀ, ଦୀପକ ମଣ୍ଡଳ, କେଶବ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କରାଟେ ପ୍ରଶିକ୍ଷଣ ନେବେ ୯୬ ଛାତ୍ରୀ

ବାଲେଶ୍ୱର ଅଫିସ, ୧୫।୭

ବାଲେଶ୍ୱର ଜିଲାର ବିଭିନ୍ନ ମହାବିଦ୍ୟାଳୟର ୯୬ ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀ ମନୋନୀତ ହୋଇ ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ପାଇଁ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଯୁବନୀତି ୨୦୧୩ ଅନୁଯାୟୀ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶନାମା ଦ୍ୱାରା ଆରମ୍ଭ ହୋଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶିକ୍ଷା ବିଭାଗର ମୁଖ୍ୟ ଡ. ବିଦ୍ୟୁତପ୍ରଭା ଦାସଙ୍କ ନେତୃତ୍ୱରେ ସମୁଦାୟ ୨୫ ମହାବିଦ୍ୟାଳୟରୁ ଏହି ଛାତ୍ରୀମାନେ ମନୋନୀତ ହୋଇଛନ୍ତି। ଏହି ପ୍ରଶିକ୍ଷଣ ଜୁଲାଇ ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ୭ଦିନ ପାଇଁ ଚାଲିବ। ଜିଲା ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଓ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ମୁଖ୍ୟ କିରାଣି ପ୍ରଭାତ କୁମାର ତରାଇ ସଫଳ ରୂପାୟନ ନିମନ୍ତେ ସହଯୋଗ କରିଥିଲେ ।


ମନୋନୀତ ଛାତ୍ରୀମାନେ ।

## ନାଳରେ ବସିଥିବା ମାଛଧରା ଜାଲ ଜବତ

ପଦ୍ମପୁର, ୧୫।୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ଓ ବାଲିମେଦ ପଞ୍ଚାୟତର ଦୁଇ ନାଳରେ ବେଆଇନ ଭାବେ ବସିଥିବା ୫ ଜାଲ ଓ ବ୍ୟବହୃତ ସାମଗ୍ରୀ ଶୁକ୍ରବାର ଜବତ କରିଛି ପ୍ରଶାସନ। ସୂଚନା ଅନୁଯାୟୀ, ଜଗନ୍ନାଥପ୍ରସାଦ ପଞ୍ଚାୟତର ତମ୍ପୁଆରୁ ଜୟକୃଷ୍ଣପୁର କୋଷ୍ଟ କେନାଲରୁ ୩ଜାଲ ଓ ଚାରିବାଟିଆ ମାଝି କୋଷ୍ଟକେନାଲରୁ ୨ଟି ଜାଲ ଓ ମାଛ ଧରିବା ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏହି ଦୁଇଟି ନାଳ ତହସିଲ ପକ୍ଷରୁ ଗତବର୍ଷ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମରେ ଲିଜ୍ ଦିଆଯାଇଥିଲା। ହେଲେ ଚଳିତବର୍ଷ କୌଣସି ଲିଜ୍ ଦିଆଯାଇ ନ ଥିବା ବେଳେ କେତେଜଣ ବ୍ୟକ୍ତି ଏଥିରେ ଜାଲ ବସାଇ ବେଆଇନ ଭାବେ ମାଛ ଧରୁଥିବା ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାସୁଦେବପୁର ଅତିରିକ୍ତ ତହସିଲଦାର ତାପସ କୁମାର ସାମଲ, ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସଶସ୍ତ୍ର ପୋଲିସ ବାହିନୀ ଚଢ଼ାଉ ବେଳେ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ


ନିମ୍ନମାନର ରାସ୍ତାକାମକୁ ବିରୋଧ କରୁଥିବା ଗ୍ରାମବାସୀ।

ମୋରଡ଼ା,୧୫।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତର ସହରାଇଶୋଳ ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସାଗରାମଙ୍କ ଘରଠାରୁ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ୯,୬୦,୦୦୦ଟଙ୍କା ବ୍ୟୟରେ ହୋଇଥିବା ମେଟାଲ ମୋରମ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ଠିକାଦାର କାର୍ଯ୍ୟରେ

**ଜେସିବି ଲଗାଇ କାର୍ଯ୍ୟ କରୁଛନ୍ତି ଠିକାଦାର**

ଶ୍ରମିକ ନିଯୁକ୍ତି ନ କରି ଜେସିବି ସାହାଯ୍ୟରେ ମୋରମ ଆଣି ବିଛାଇ କାର୍ଯ୍ୟ କରିଛନ୍ତି। ମୋରମ ବିଛାଇଲା ପରେ ରୋଲର ବ୍ୟବହାର କରିନାହାନ୍ତି। ଯାହା ଫଳରେ ରାସ୍ତା କେଉଁଠି ଖାଲ ଢିପ ହୋଇଛି ତ ଆଉ କୋଉଠି ଗାତ ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ପଡ଼ୋଶୀ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବାରୁ ଦୈନିକ ଯାତାୟାତ କରୁଥିବା ଶତାଧିକ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଗ୍ରାମବାସୀ ଠିକାଦାରଙ୍କୁ କାର୍ଯ୍ୟ ଠିକ୍ ଭାବରେ କରିବାକୁ ଓ ଶ୍ରମିକ ଲଗାଇବାକୁ କହିଥିଲେ ମଧ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରିଥିବା ଗ୍ରାମବାସୀ ହାଦୁ ମାର୍ଣ୍ଡି, ଚରଣ କିସ୍କୁ, ପାନୀ ହାଁସଦା, ଦୁଲି କିସ୍କୁ, ସିଂରାୟ ବାସ୍କେ,ପମା ମାର୍ଣ୍ଡି ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଏଷ୍ଟିମେଟ୍‌ରେ ଥିବା କଲଭର୍ଟ ନିର୍ମାଣ କାର୍ଯ୍ୟ ମଧ ହୋଇନାହିଁ। ଏସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ଉଗ୍ରସେନ ମହାପାତ୍ରଙ୍କୁ ପଚାରିବାରୁ, ବର୍ତ୍ତମାନ ସେ ଚିକିଟାମାଟିଆ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି, କାର୍ଯ୍ୟ ହେବା ସମୟରେ ନ ଥିଲେ। ତଥାପି ଉକ୍ତ କାର୍ଯ୍ୟର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୨ମଦ ବେପାରୀ ଗିରଫ

ଖୁଣ୍ଟା/କୁଆମରା,୧୫।୭(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ କନ୍ହେଇବନ୍ଧ ଛକ ନିକଟରୁ ଜଣେ ମଦ ବେପାରୀ ଧରା ପଡ଼ିଛନ୍ତି। ସେ ହେଲେ ସାନ ସାତସୋଲ ଗ୍ରାମର ସୁଶାନ୍ତ ମଢ଼େଇ। ତାଙ୍କ ନିକଟରୁ ବାଇକ୍ ସମେତ ୨୦ ଲିଟର ଦେଶୀ ମଦ ହୋଇଛି। ଏହି ଚଢ଼ାଉରେ ଖୁଣ୍ଟା ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଏଏସ୍ଆଇ ବିଜୟ କୁମାର ମହାନ୍ତ, କର୍ମଚାରୀ ତମନା ପରିଡ଼ା ଓ ଦୀପାଞ୍ଜଳି ଦାସ ସାମିଲ ଥିଲେ। ସେହିପରି ଗୋପବନ୍ଧୁ ନଗର ବ୍ଲକ ପଶୁଦା ଗ୍ରାମର କୁଳମଣି ପ୍ରଧାନଙ୍କୁ ଚୋରା ମଦ କାରବାର ଅଭିଯୋଗରେ ଖୁଣ୍ଟା ପୋଲିସ ଗିରଫ କରିଛି। ସେ ଘରେ ମଦ ରଖି ଚୋରାରେ ବିକ୍ରି କରୁଥିବା ଅଭିଯୋଗ ହୋଇ ଆସୁଥିଲା ଏସ୍ଆଇ ପ୍ରଦୀପ କୁମାର ବେହେରା ଚଢାଉ କରି ୧୦ ଲିଟର ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ଏନେଇ ମାମଲା(ନଂ.୧୮୨/୨୨) ରୁଜୁ ହୋଇଛି।

### କୁଢ଼େଇ ମହିଳା କଲେଜରେ ଜାତୀୟ ସେବା ଶିବିର

ସୋର, ୧୫।୭(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ କୁଢ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭ଦିନିଆ ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ କରୁଣାକର ସାହୁ ଉଦ୍‌ଘାଟନ କରିଥିଲେ। ଶହେଜଣ ଅନ୍ତେବାସିନୀ ଅଂଶଗ୍ରହଣ କରି ପୌଷ୍ୟଗ୍ରାମ ନଦୀଗାଁରେ ଚାରାରୋପଣ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଲୋକଙ୍କୁ ସଚେତନ କରିଥିଲେ। ନିଶା ନିବାରଣ ଏବଂ ପରିବେଶ ସ୍ୱଚ୍ଛତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କେଶବକବି କୃଷ୍ଣ ପ୍ରସାଦ ସ୍ମୃତି ପରିଷଦର ସମ୍ପାଦକ ଦାମୋଦର ଦାଶ ମହାପାତ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ନବକିଶୋର ଦାସ ଏବଂ ସୋର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟ ନିର୍ଘଣ୍ଟ ଅଧିକାରିଣୀ ଅନ୍ନପୂର୍ଣ୍ଣା ମିଶ୍ର ସ୍ୱତନ୍ତ୍ର ଜାତୀୟ ସେବା ଶିବିରକୁ ପରିଚାଳନ କରିଥିଲେ।

### ଏମ୍‌ପିସି କଲେଜ ସ୍ୱେଚ୍ଛାସେବୀ ପୁରସ୍କୃତ

ବାରିପଦା ଅଫିସ,୧୫।୭- ବାରିପଦା ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୫ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଜାତୀୟ ସେବା ଯୋଜନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟ(ଏମ୍‌ପିସି କଲେଜ)ର ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ବାଳକ ଶାଖା ଭାବେ ବିବେଚିତ ହୋଇଥିବା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅନାମ ଚରଣ ରାଉଳ, ଶ୍ରେଷ୍ଠ ବାଳକ ଶାଖା ସ୍ୱେଚ୍ଛାସେବୀ ଭାବେ ଆଦର୍ଶ ରାଉତ, ଶ୍ରେଷ୍ଠ ବାଳକ ଶାଖା ୟୁନିଟ ଭାବେ ୟୁନିଟ ୨ ଓ ଶ୍ରେଷ୍ଠ ଅପ୍ରେସିଏସନ ଭାବେ ଅନୁଷ୍କା ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସାଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ମୁକ୍ତିକାନ୍ତ ପଣ୍ଡା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିନା ଡାକ୍ତରରେ ଡାକ୍ତରଖାନା

ହାଟଡିହୀ,୧୫।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାର ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ନାନା ଜନହିତକର ଯୋଜନା କରୁଥିବା ବେଳେ ଏଥିରୁ ଫାଇଦା ମିଳୁ ନ ଥିବା ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ହାଟଡିହୀ ଏରିଆ ହସ୍ପିଟାଲର ଅବସ୍ଥା ଦେଖିଲେ ବୁଝା ପଡ଼ିଯିବ। ଆନନ୍ଦପୁର-ଭଦ୍ରକ ୫୩ନଂ. ରାଜ୍ୟ ରାଜପଥ କଡ଼ରେ ଏହି ହସ୍ପିଟାଲ ଅବସ୍ଥିତ। ଏଠାରେ ପ୍ରାୟ ୧୦ ବର୍ଷ ହେବ ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇପାରିନାହିଁ। ଦୀର୍ଘ ମାସ ପୂର୍ବରୁ ଡିଏମ୍ଏଫ୍ ଫଣ୍ଡରୁ ଅସ୍ଥାୟୀ ଭାବେ ଡାକ୍ତର ନିଯୁକ୍ତି କରାଯାଇଥିଲା। କିନ୍ତୁ ଦେଢ଼ ବର୍ଷ ହେବ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। ବିନା ଡାକ୍ତରରେ ଡାକ୍ତରଖାନା ଚାଲିଥିବା ବେଳେ ଅନ୍ୟ କର୍ମଚାରୀ ରୋଗୀସେବା କରୁଛନ୍ତି।



ହାଟଡିହୀ ସ୍ୱାସ୍ଥ୍ୟକେନ୍ଦ୍ର।

ଏଠାକୁ ଆସୁଥିବା ରୋଗୀ ଚିକିତ୍ସା ସେବା ନ ପାଇ ଫେରି ଯାଉଥିବା ବେଳେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଅଧିକାଂଶ ସମୟରେ ରୋଗୀ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ଚିକିତ୍ସା ପାଇଁ ଯାଉଛନ୍ତି। ତେବେ ରୋଗୀଙ୍କୁ ଉପଯୁକ୍ତ ଏବଂ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ପାଇଁ ସରକାରଙ୍କ ଏତେ ଯୋଜନା ଥାଇ ଲାଭ କ'ଣ ବୋଲି ପ୍ରଶ୍ନ ଉଠିଛି। ଟୁକୁଣା, ମୁଗୁପୁରରେ ବି ସମାନ ଅବସ୍ଥା। ଏଠାରେ ଦୀର୍ଘ ମାସ ହେବ ସ୍ଥାୟୀ ଭାବେ କୌଣସି ଡାକ୍ତର ରହୁନାହାନ୍ତି। ହାଟଡିହୀ ହସ୍ପିଟାଲ ଉପରେ ବହୁ ଲୋକ ନିର୍ଭର କରିଥାନ୍ତି । କିନ୍ତୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ କିଛି କର୍ମଚାରୀ ଛୁଟିରେ ଥିବା ବେଳେ ଜଣେ ଫାର୍ମାସିଷ୍ଟ, ସିକ୍ୟୁରିଟି ଗାର୍ଡ, ସୁଇପର ଡାକ୍ତରଖାନା ଚଳାଉଛନ୍ତି। ଦିନ ୮ରୁ ୧୨ ଏବଂ ୪ରୁ ୬ଟା ପରେ କାହାରି ଦେଖା ମିଳୁ ନାହିଁ। ଏପରି ନାନା ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛ। ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. ପ୍ରଭାତ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଡାକ୍ତର ନିଯୁକ୍ତି ନ ଥିବାରୁ ରୋଗୀ ସେବାରେ ବ୍ୟତିକ୍ରମ ସୃଷ୍ଟି ହେଉଛି। ଯେଉଁଠି ଡାକ୍ତର ନାହାନ୍ତି ସେଠାରେ ଫାର୍ମାସିଷ୍ଟ ରୋଗୀ ସେବା କରିବେ ବୋଲି ସେ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ହାଟଡିହୀ ବ୍ଲକର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଡାକ୍ତର ପଦବୀ ମଧ୍ୟରୁ ଏବେ ମାତ୍ର ୨ଜଣ ଅଛନ୍ତି।

## ବନବାସୀଙ୍କ ଜୀବନ ଜୀବିକାକୁ ନେଇ ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥି।

ବାରିପଦା ଅଫିସ,୧୫।୭

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ୟ ପର୍ଯ୍ୟାୟ ବାର୍ଷିକ ସମୀକ୍ଷା ବୈଠକ ବାରିପଦା ବନଖଣ୍ଡସ୍ତରୀୟ ବନାଞ୍ଚଳ କାର୍ଯ୍ୟାଳୟ ସଙ୍କଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର, ଏସିଏଫ୍ ସୁମିତ କର, ଅରୁଣ କୁମାର ବିଶ୍ୱାଳ, ରବି ନାରାୟଣ ମହାନ୍ତ, ଅର୍କେନ୍ଦୁ ପାତ୍ର ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ସହିତ ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରିବା ସହିତ ବନବାସୀଙ୍କ ଜୀବନ ଜୀବିକାରେ କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ କୃଷି, ମତ୍ସ୍ୟ, ପ୍ରାଣୀ ଓ ଉଦ୍ୟାନ କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜନାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଉନ୍ନୟନ ପ୍ରକଳ୍ପର ବିଶେଷଜ୍ଞ କୈଳାସ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ।

## ଜିଲାରେ ଆବଶ୍ୟକ ଅନୁସାରେ ବିକାଶ ହୋଇନାହିଁ: କେନ୍ଦ୍ରମନ୍ତ୍ରୀ

ଭଦ୍ରକ ଅଫିସ,୧୫।୭

ଭଦ୍ରକ ଜିଲାରେ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ପରେ ଜିଲାରେ ଆବଶ୍ୟକ ଅନୁସାରେ ବିକାଶ ହୋଇନାହିଁ ବୋଲି କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର କହିଛନ୍ତି। ଭଣ୍ଡାରିପୋଖରୀ ଅଞ୍ଚଳରେ ଆଦିବାସୀ ଲୋକଙ୍କୁ ଭୂମିହୀନ ପଟ୍ଟା ମିଳି ନ ଥିବା ଏବଂ ଯେଉଁମାନଙ୍କୁ ମିଳିଛି ସେମାନଙ୍କୁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ଦିଆ ନ ଯିବା ଭଳି ସମସ୍ୟା ସମ୍ପର୍କରେ ଗରିବ ଆଦିବାସୀମାନେ ଅଭିଯୋଗ ଜଣାଇଥିଲେ। ସେମାନଙ୍କର ନିଜସ୍ୱ ଘରଡିହ ନ ଥିବାରୁ ଜାତିଗତ ଓ ଆୟ ପ୍ରମାଣପତ୍ର ମିଳୁ ନ ଥିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିପାରୁ ନାହାନ୍ତି। ଏ ଦିଗରେ ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଶୁକ୍ରବାର ଅପରାହ୍ନରେ ଭଦ୍ରକ ସହର ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଠାକୁର କହିଥିଲେ।

ସେହିପରି ଧାମରା ବନ୍ଦରରେ ସ୍ଥାନୀୟ ନିଯୁକ୍ତି ଓ ଅଞ୍ଚଳର ବିକାଶ ପ୍ରସଙ୍ଗରେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଏ ବିଷୟରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମାଧାନ କରାଯିବ। ଓଡ଼ିଶାରେ ଭାଜପାର ସରକାର ଗଠନ ହେଲେ ପରିବର୍ତ୍ତନ ହୋଇପାରିବ। ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ ସଂଯୋଜନା କରିଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ ସହ ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ଡା. ପ୍ରଦୀପ ନାୟକ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣଧଳପ୍ରମୁଖ ଉପସ୍ଥିତଥିଲେ।


ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଓ ଭାଜପା ନେତୃବୃନ୍ଦ।

## ଗୁରୁପୂର୍ଣ୍ଣିମାର ରହିଛି ସ୍ୱତନ୍ତ୍ର ଆକର୍ଷଣ

ଜଳେଶ୍ୱର, ୧୫।୭(ଡି.ଏନ୍.ଏ.)

ଗୁରୁପୂର୍ଣ୍ଣିମା ଅବସରରେ ବାଲେଶ୍ୱର ଜିଲା ଜଳେଶ୍ୱର ନୂଆବଜାର ସୁଦର୍ଶନ ପ୍ରଭାତ ଶାଖାରେ ଗୁରୁଦକ୍ଷିଣା ଉତ୍ସବ ଭଞ୍ଜ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଜୟ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ ଯୋଗଦେଇ ଭାରତ ଏକ ସଂସ୍କୃତିସମ୍ପନ୍ନ ରାଷ୍ଟ୍ର ଓ ଋଷି ପରମ୍ପରା ଗତ ଦେଶ ହୋଇଥିବାରୁ ଏଠାରେ ଛତ୍ରପତି ଶିବାଜୀ, ଗୁରୁ ରାମଦାସ, ରାମକ୍ରୀଷ୍ଣ, ବିବେକାନନ୍ଦ, ଅରବିନ୍ଦଙ୍କ କର୍ତ୍ତବ୍ୟନିଷ୍ଠା ଗୁରୁ ପରମ୍ପରାକୁ ଅଧିକ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗୁରୁପୂର୍ଣ୍ଣିମା ପାଳନ ଓ ଗୁରୁଙ୍କ ପ୍ରତି ଶିଷ୍ୟମାନଙ୍କର ମାନସିକତା କିପରି ଅଧିକ ହୃଦୟଗ୍ରାହୀ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବଦୁଲାଲ ମାଇତି, ଆଶୁତୋଷ ଦାସ, ବିଶ୍ୱବିନୋଦ ଭଞ୍ଜ, ମନୋଜ ଭୂୟାଁ, ବିମ୍ବାଧର ମହାନ୍ତି, ଅମିତ ଦେ, ଉମାକାନ୍ତ ରାଉତ, ଘନଶ୍ୟାମ ସିଟ ଓ ପ୍ରଦୀପ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ଗୁରୁ-ଶିଷ୍ୟ ପରମ୍ପରା ବଜାୟ ରଖିବାକୁ ଆହ୍ୱାନ


ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟଙ୍କୁ ସମ୍ମାନିତ କରାଯାଉଛି।

ବାହାନଗା, ୧୫।୭(ଡି.ଏନ.ଏ.)

ବାହାନଗା ବ୍ଲକ ଗୋପାଳପୁରସ୍ଥିତ ଜାଗେଶ୍ୱରପଦାଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଶୋଭାରାମପୁରଠାରେ ଥିବା ଆଧ୍ୟାତ୍ମିକ ସଙ୍ଗଠନ ପ୍ରାପ୍ତି ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳନ କରାଯାଇଥିଲା। ଏଥିରେ ଗୁରୁପୂଜନ ସହ ଆଧ୍ୟାତ୍ମିକ ଗୁରୁଙ୍କର ଆର୍ଶୀବାଦ କାମନା କରାଯାଇଥିଲା। ଏନେଇ ଆଧ୍ୟାତ୍ମିକ ସଭାରେ ସଙ୍ଗଠନ ସଭାପତି ଡ.କୁମାର ଗୋପାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମୁନି ସମାଜର ଅଧ୍ୟକ୍ଷ କମଳାକାନ୍ତ ମୁନି ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ବିଭିନ୍ନ ପୌରାଣିକ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନ ଉପଦେଷ୍ଟା ସୁବାସିନୀ ଜେନା ଯୋଗଦେଇଥିଲେ । ଆଧ୍ୟାତ୍ମିକ ଓ ସମାଜସେବାରେ ଅତୁଳନୀୟ ଅବଦାନ ନିମନ୍ତେ ବାହାନଗା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦିକା ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ସଂସ୍କାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଥିବା ଗୁରୁପୂର୍ଣ୍ଣିମା ଅବସରରେ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ସୁଦର୍ଶନ ମହାଳିକ ଛାତ୍ରୀଛାତ୍ରଙ୍କୁ ବିସ୍ତାରିତ ଭାବେ ବର୍ଣ୍ଣନା କରିଥିଲେ।

## ଜାତୀୟ ସେବା ଯୋଜନା ସଚେତନତା କାର୍ଯ୍ୟକ୍ରମ

ଉଦଳା,୧୫।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ କୁଣ୍ଡାବାଇ ସ୍ଥିତ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଏବଂ ଜଣ୍ଡିସ୍ ଭଳି ମାରାତ୍ମକ ରୋଗରୁ ସାଧାରଣ ଜନତା କିଭଳି ଭାବେ ବର୍ତ୍ତି ପାରିବେ ସେଥିପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଏଥିରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଶୋଭାଯାତ୍ରାକୁ ସମ୍ବୋଧନ କରିଥିଲେ । କୁଣ୍ଡାବାଇ, ନୂଆଗାଁ ପଞ୍ଚାୟତର ବହୁ ଗ୍ରାମର ଲୋକ ଡେଙ୍ଗୁ, ମ୍ୟାଲେରିଆ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବାରୁ ଏହି କ୍ଷେତ୍ରରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ଅଧ୍ୟକ୍ଷ ଗିରି କହିଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି କୁଣ୍ଡାବାଇ ଗ୍ରାମ ପରିକ୍ରମା କରିଥିଲା। ୫୦ଜଣ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଲୋକଙ୍କୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଏବଂ ଜଣ୍ଡିସ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବାଳିକା ବିଭାଗର ଏନ୍ଏସ୍ଏସ୍ ଅଧିକାରୀ ମିନାକ୍ଷୀ ସାହୁ, ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ, ଡ. ଅଜିତ ମହାପାତ୍ର, ଗୋପୀନାଥ ଦାସ, ଅଧ୍ୟାପିକା ମଧୁସ୍ମିତା ପରିଡ଼ାଙ୍କ ସମେତ ମହାବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରକାରୀ କ୍ୱାର୍ଟର୍ସ ତଥ୍ୟ ମାଗିଲା ପ୍ରଶାସନ

କେନ୍ଦୁଝର,୧୫।୭(ସ୍ୱ.ପ୍ର.)

**ବିଳମ୍ବରେ ଚେତା ପଶିଲା**

କେନ୍ଦୁଝରରେ ବହୁ କର୍ମଚାରୀ ସରକାରୀ କ୍ୱାର୍ଟର୍ସ ଅଭାବରୁ ବାହାରେ ଭଡ଼ାରେ ରହି ହିନସ୍ତା ଭୋଗୁଛନ୍ତି। ଏବାବଦକୁ ସରକାରଙ୍କ ବ୍ୟାପକ ଆର୍ଥିକ କ୍ଷତି ମଧ୍ୟ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ବିଭାଗ ଅଧୀନରେ କେତେ କ୍ୱାର୍ଟର୍ସ ରହିଛି, ସେଥିମଧ୍ୟରୁ କେତେ ଖାଲି ପଡ଼ିଛି ଏବଂ ଅବ୍ୟବହୃତ ବା ବିପଦସଙ୍କୁଳ ଅବସ୍ଥାରେ ରହିଛି ତାହାର ତଥ୍ୟ କାହା ପାଖରେ ନାହିଁ। ବିଳମ୍ବରେ ହେଉ ପଛେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଚିଠିନଂ.୪୨୩/୨୯।୫।୨୦୨୨ରେ ସମ୍ପୂର୍ଣ୍ଣ ତଥ୍ୟ ମାଗିଛନ୍ତି। ପ୍ରଶାସନ ନିକଟରେ କ୍ୱାର୍ଟର୍ସ ପାଇଁ ବହୁ କର୍ମଚାରୀ ଆବେଦନ କରି ଦୀର୍ଘ ମାସ ଧରି ଅପେକ୍ଷା କରି ରହିଥିବା ବେଳେ ଏବେ ଏହି ଚିଠି କେତେ ଦୂର କାର୍ଯ୍ୟକାରୀ ହେବ ତାହାକୁ ନେଇ ବହୁ ଅବସରପ୍ରାପ୍ତ କର୍ମଚାରୀ ପ୍ରଶ୍ନ ଉଠାଇଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲାରେ ବହୁ ସରକାରୀ କର୍ମଚାରୀ କ୍ୱାର୍ଟର୍ସ ପାଇଁ ଆବେଦନ କରିଥିବାବେଳେ ପାଇ ପାରୁନାହାନ୍ତି। ଅନେକ କ୍ୱାର୍ଟର୍ସ ବର୍ଷ ବର୍ଷ ଧରି ଖାଲି ପଡ଼ିଥିବାବେଳେ ଅନ୍ୟ କେତେକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ବହୁ କ୍ୱାର୍ଟର୍ସ ବ୍ୟବହାର କରାଯାଉ ନ ଥିବାରୁ ବାହାର ଲୋକଙ୍କ କବଜା ରହିଛି। କିନ୍ତୁ ସେସବୁ ଜାଣି ବିଭାଗ ଖାଲି କରିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । କେତେକ କ୍ୱାର୍ଟର୍ସ ମରାମତି ଅଭାବରୁ ବ୍ୟବହାର ହୋଇ ପାରୁନାହିଁ । ବିଶେଷ କରି ଏଲ୍ଆଇସି କଲୋନୀରେ ବିଭିନ୍ନ ବିଭାଗର ବହୁ କ୍ୱାର୍ଟର୍ସ ରହିଛି। ବହୁ କ୍ୱାର୍ଟର୍ସ ମରାମତି କରି ବ୍ୟବହାର କରାଯାଉ ନ ଥିବାରୁ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନେକ କ୍ୱାର୍ଟର୍ସ ବର୍ଷ ବର୍ଷ ଧରି ବ୍ୟବହାର ନ ହୋଇ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଅସୁରକ୍ଷିତ ଘୋଷଣା କରି ନୂତନ କ୍ୱାର୍ଟର୍ସ ନିର୍ମାଣ କରାଯାଉନାହିଁ। ଉପଯୁକ୍ତ ତଦାରଖ ଅଭାବରୁ ବହୁ କ୍ୱାର୍ଟର୍ସ ଭଡ଼ାରେ ଚାଲିଥିବାବେଳେ ଏହାର ତଥ୍ୟ କାହା ପାଖରେ ନାହିଁ। ଅତିରିକ୍ତ ଜିଲାପାଳଙ୍କ ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ତଥ୍ୟ ଦେବା ପାଇଁ ଅବସରପ୍ରାପ୍ତ କର୍ମଚାରୀ ଦୁର୍ଗାଚରଣ ମହାନ୍ତି ଦାବି କରିଛନ୍ତି।

## ଅସୁରକ୍ଷିତ କୁପାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

ଖଇରା, ୧୫।୭(ଡି.ଏନ.ଏ.)

**ଅସରାଏ ବର୍ଷାରେ କର୍ମଚାରୀ ଆତଙ୍କିତ**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ଅସୁଆ ଦିନକୁ ଦିନ ବଢି ଚାଲିଛି। ଅସରାଏ ବର୍ଷା ହେଲେ ଉଭୟ କର୍ମଚାରୀ ଓ ଆଗନ୍ତୁକ ଛାନିଆ ହୋଇପଡୁଛନ୍ତି। ବର୍ଷା ହେଲେ ଛାତରୁ ପାଣି ଗଳିବା ସହ କାର୍ଯ୍ୟାଳୟ ମଧ୍ୟରେ କୃତ୍ରିମ ବନ୍ୟା ଭୟ ଯୋଗୁ ଆତଙ୍କିତ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। ଛାତରୁ ପୁଳା ପୁଳା ସିମେଣ୍ଟ ଖଣ୍ଡ ଖସୁଥିବାରୁ ରଖାଯାଇଥିବା ରେକର୍ଡପତ୍ର ଅସୁରକ୍ଷିତ ହୋଇପଡିଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏହା ମରାମତି କରାଯିବା କିମ୍ବା ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି । କୁପାରୀ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସ ଅଳ୍ପ କିଛି ବର୍ଷ ତଳର ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ବହୁ ସ୍ଥାନରେ ଛାତରୁ ପାଣି ଗଳୁଛି। ଏଭଳିକି କର୍ମଚାରୀମାନେ ସେଠାରେ ବସି କାର୍ଯ୍ୟ କରିବାକୁ ନିରାପଦ ମଣୁନାହାନ୍ତି। ରେକର୍ଡରୁମ୍‌ରେ ବର୍ଷାପାଣି ଲହଡି ମାରୁଥିବା କାରଣରୁ ଅନେକ ରେକର୍ଡପତ୍ର ଭିଜି ନଷ୍ଟ ହେବାକୁ ବସିଲାଣି । କର୍ମଚାରୀମାନଙ୍କ ଲାଗି ଉଦ୍ଦିଷ୍ଟ କ୍ୱାର୍ଟର୍ସଗୁଡିକର ଅବସ୍ଥା ତଦ୍ରୂପ। ବହୁ ସ୍ଥାନରେ ଛାତ ଲିକ୍ ହୋଇ ପାଣି ଗଳୁଛି। ଫଳରେ ରାଜସ୍ୱ ନିରୀକ୍ଷକ ଚନ୍ଦ୍ରଶେଖର ପଣ୍ଡା ଓ ଅତିରିକ୍ତ ନିରୀକ୍ଷକ ମନୋଜ କୁମାର ବିଶ୍ୱାଳଙ୍କ ରହିବା ଓ କାର୍ଯ୍ୟ କରିବା ମୁସ୍କିଲ ହୋଇପଡିଛି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଚନ୍ଦ୍ରଶେଖର ପଣ୍ଡାଙ୍କୁ ଯୋଗାଯୋଗ କରିବାରେ କିଛିଦିନ ତଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଖୁବଶୀଘ୍ର ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।


ରେକର୍ଡ ରୁମ୍ ଛାତରୁ ପାଣି ଗଳୁଛି।

## ରାଶନ ପାଇଁ ଯିବାକୁ ପଡୁଛି ୮ କି.ମି.

ଭଦ୍ରକ ଅଫିସ,୧୫।୭

- ସୁଧୁରୁନି ଜିରିଣା-ଆଡ଼ିଆ ରାସ୍ତା ଅବସ୍ଥା
- ୫ ଗ୍ରାମର ଲୋକେ ହଇରାଣ

ଭଦ୍ରକ ଜିଲା ବନ୍ତ ବ୍ଲକର ଆଡ଼ିଆ ପଞ୍ଚାୟତ ଅଧୀନ ଜିରିଣା-ଆଡ଼ିଆ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖରାଦିନେ ଅଣଓସାରିଆ ମାଟି ରାସ୍ତା ଆଉ ବର୍ଷା ଦିନେ କାଦୁଅ ପଚପଚ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫ ଗ୍ରାମର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରାସ୍ତା ଅବସ୍ଥା ସୁଧୁରୁନି।

ପଞ୍ଚାୟତ ସଦର ମହକୁମାକୁ ଯିବା ପାଇଁ ସବୁଦିନିଆ ରାସ୍ତାଟିଏ ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରି ନାହିଁ। ଜିରିଣା, ନିମଗଡ଼ିଆ, ବରଗଡ଼ିଆ, ବାହାଦଲପୁର ଓ ନଳିତାଗଡ଼ିଆ ଗ୍ରାମର ଆନୁମାନିକ ୪ଶହରୁ ଊର୍ଦ୍ଧ୍ୱ ପରିବାରର ୨ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଛାତ୍ରୀଛାତ୍ର ଆଡ଼ିଆସ୍ଥିତ ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବା ଏହି ରାସ୍ତା ଦେଇ ଆସିଥାନ୍ତି। ରାଶନ ସାମଗ୍ରୀ ପାଇଁ ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡ଼ିଥାଏ। ବର୍ଷାଦିନେ କାଦୁଅ ରାସ୍ତାରେ ଯାଇ ନ ପାରି ୨ କି.ମି. ବଦଳରେ ଅଧିକ ୮ କି.ମି. ରାସ୍ତା ବୁଲି ସେମାନଙ୍କୁ ଯିବାକୁ ପଡୁଛି। ୧୯୯୩-୯୪ ମସିହାରେ ଅଣଓସାରିଆ ମାଟି ରାସ୍ତା ନିର୍ମାଣ ହୋଇଥିଲା। ନିର୍ମାଣର ୨୬ ବର୍ଷ ପରେ ୨୦୨୦-୨୧ରେ ମୁଠାଏ ମୋରମ ପଡ଼ିଥିବା ବେଳେ ବର୍ଷା ପାଣିରେ ଧୋଇଯାଇ ପୁଣି ପୂର୍ବ ଭଳି ଅବସ୍ଥା। ୫ ଗ୍ରାମର ଲୋକେ ଯିବାଆସିବା କରିବାରେ ହଇରାଣ ହେଉଛନ୍ତି। ଏନେଇ ସେମାନେ ବାରମ୍ବାର ପ୍ରଶାସନ ଓ ଲୋକପ୍ରତିନିଧିମାନଙ୍କୁ ଗୁହାରି ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଏହାକୁ ପ୍ରଧାନମନ୍ତ୍ରୀ ସଡ଼କ କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକପ୍ରତିନିଧିମାନେ ଦାବି କରିଛନ୍ତି।


ଜିରିଣା-ଆଡ଼ିଆ ରାସ୍ତା।

